ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩



**Deepanjali Dugal,**
**Jr. Agrometeorologist**


ସପ୍ତାହ ସଂଖ୍ୟା -୩୭


ବୁଲେଟିନ ନମ୍ବର :୭୪
ତାରିଖ : ୧୬.୦୯.୨୦୨୫
(ମଙ୍ଗଳବାର)


## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୦.୦୯.୨୦୨୫ ରୁ ୧୬.୦୯.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୯.୩ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୦.୯-୩୫.୪ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୪-୨୬.୯ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୧.୦୯ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 17-09-2025 | 15 | 31 | 25 | 5 | 93 | 66 | 2 | 194 |
| 18-09-2025 | 10 | 32 | 25 | 5 | 93 | 65 | 3 | 90 |
| 19-09-2025 | 8 | 33 | 26 | 5 | 93 | 62 | 3 | 174 |
| 20-09-2025 | 7 | 33 | 26 | 4 | 92 | 58 | 2 | 169 |
| 21-09-2025 | 7 | 33 | 26 | 4 | 92 | 60 | 0 | 90 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୨-୦୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୩ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୨ ରୁ ୯୩ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୮-୬୬ ପ୍ରତିଶତ ମଧ୍ୟରେ ରହିବ ।

### ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)

ଆସନ୍ତା ୧୭ ରୁ ୨୦ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- ଉଚ୍ଚ ଜମିରେ ଟମାଟୋ, ସଅଳ କିସମ ଫୁଲକୋବି ଚାରା ପକାଇବା ପାଇଁ ବର୍ତମାନ ଉପଯୁକ୍ତ ସମୟ ।
- ବର୍ତମାନ ପରିସ୍ଥିତି ଯେପରିକି ମେଘୁଆ ଆକାଶ, ଅତ୍ୟଧିକ ଆର୍ଦ୍ରତା, ମଝିରେ ମଝିରେ ବର୍ଷା ସହ ଦିନର ଉଚ୍ଚ ତାପମାତ୍ରା ଇତ୍ୟାଦି ପରିସ୍ଥିତିରେ ଧାନରେ ବିଭିନ୍ନ ରୋଗ ଯଥା ପତ୍ରାଛାଦ, ପତ୍ରାଗାର ଏବଂ ମହିଷା ରୋଗ ଦେଖା ଯିବାର ସମ୍ଭାବନା ଅଛି । ତେଣୁ ସର୍ବଦା ଜମିର ନିରୀକ୍ଷଣ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ସର୍ବାଧିକ ପିଲ ଅବସ୍ଥା | • ବର୍ତମାନର ଉଷ୍ଣ, ଆର୍ଦ୍ର ଜଳବାୟୁ ଓ ମଝିରେ ମଝିରେ ବର୍ଷା ଯୋଗୁଁ ଧାନରେ ମାଟିଆ ଗୁଣ୍ଡି ବା ଚକଡା ପୋକ ଓ ଧଳା ପିଠିଆ ଗଛ ଡିଆଁ ପୋକ ଦେଖା ଦେବାର ସମ୍ଭାବନା ଅଛି । ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର କରନ୍ତୁ ନହିଁ । ଧାନ ଜମି ରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣ ର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ । ସୂର୍ଯାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗ କୁ ୬ ଫୁଟ ବ୍ୟବଧାନ ରେ ପାହି କରନ୍ତୁ । |
| ମଣ୍ଡିଆ | ପିଲ ଅବସ୍ଥା | • ବର୍ତମାନ ପାଗରେ ମଣ୍ଡିଆରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ପରିଚାଳନା ପାଇଁ ଜମିରେ ହଳଦିଆ ରଙ୍ଗର ଫୁଲ ଗଛ ଲଗାନ୍ତୁ । ଏକର ପ୍ରତି ହଳଦିଆ ଅଠା ଯନ୍ତା ୮ଟି ବସାନ୍ତୁ । ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟ ନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । କିମ୍ବା ୧୦ ଲିଟର ପାଣିରେ ୩୦ ମିଲି ନିମ ତେଲ ଓ ଏକ ସାମ୍ପୁ ପାକେଟ ମିଶାଇ ମଧ୍ୟ ସ୍ପ୍ରେ କରି ପାରିବେ । |

| | | |
|---|---|---|
| ମକା | ଟଁଅର ବାହାରିବା ଅବସ୍ଥା | • ଶୁଖିଲା ପାଗ ପରେ ବର୍ଷା ହେଲେ ମକାରେ ଫଲ ଆର୍ମି ୱାର୍ମ ଲାଗିବାର ସମ୍ଭାବନା ଥାଏ । ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪ଟି ଫେରୋମନ ଜନ୍ତା ବସାନ୍ତୁ ଓ ୧ଲିଟର ପାଣିରେ ୫ ମିଲି ନିମ୍ବ ତେଲ (୧୫୦୦ ପିପିଏମ) ସିଂଚନ କରନ୍ତୁ ।<br>• ଫଲ ଆର୍ମି ୱାର୍ମ ଆକ୍ରମଣ ଅଧିକ ଦେଖା ଦେଲେ Emamectin benzoate @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ: | ବିଶେଷ ଅଭିବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ ଆଖୁ ଫସଲରେ ନାଲି ଶଢା ରୋଗ ଲାଗିବାର ସମ୍ଭାବନା ରହିଛି।ଆଖୁ ଫସଲରେ ନାଲି ଶଢା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ carbendazim ଏବଂmancozebର ମିଳିତ ଫିମ୍ପିନାଶକ କିମ୍ବା ୪୦୦ଗ୍ରାମMetalaxyl ଏବଂmancozeb ର ମିଳିତ ଫିମ୍ପିନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ଷା ପରେ ଚିନାବାଦାମ ଫସଲରେ ସଅଳ ଓ ଉଛୁର ପତ୍ର ଦାଗ ରୋଗ ବା ଟୀକା ରୋଗ ଲାଗିବାର ସମ୍ଭାବନା ଅଛି। ପରିଚାଳନା ପାଇଁ ୪୦୦ଗ୍ରାମ କ୍ଲୋରୋଥାଲୋନିଲ (Chlorothalonil) ନାମକ ଫିମ୍ପିନାଶକ କିମ୍ବା ୩୦୦ମି.ଲି ହେକ୍ସାକୋନାଜଲ ୫ଇସି Hexaconazole ନାମକ ଫିମ୍ପିନାଶକ ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ପନିପରିବା | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | • ବର୍ତମାନ ସମୟରେ ପନିପରିବା ଫସଲରେ ଶୋଷକ ଜାତୀୟ କୀଟ ଯଥା ଜଉ, ପତ୍ର ଡିଆଁ, ପତ୍ର ଉକୁଣି ଓ ଧଳା ମାଛି ଲାଗିବାର ସମ୍ଭାବନା ଅଛି । ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବଜାତ କୀଟନାଶକ ୩୦୦୦ ପିପିଏମକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ। ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୫୦ଗ୍ରାମ Thiamethoxam କିମ୍ବା ୫୦ଗ୍ରାମ Acetamiprid କିମ୍ବା ୪୦୦ମିଲି Fenobucarb କିମ୍ବା ୪୦୦ମିଲି Tolfenpyrad ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | • ଭେଣ୍ଡି ଫସଲରେ ଫଳ ଏବଂ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ଏମାମେକଟୀନ ବେଞ୍ଜୋଏଟ @ ୭୦ ଗ୍ରାମ କିମ୍ବା ସ୍ପିନୋସାଡ (Spinosad) @ ୭୦ଗ୍ରାମ ଏକର ପ୍ରତି ପ୍ରୟୋଗ କରନ୍ତୁ । |
| କଖାରୁ ଜାତୀୟ ପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | • ପୋଟଳ ଓ କଲରା ଫସଲରେ ଫଳ ମାଛି ଆକ୍ରମଣ ପରିଲିଖିତ ହେଲେ ଏହାର ନିରାକରଣ ପାଇଁ ଏକ ଲିଟର ପାଣି ସହ ୫୦ ଗ୍ରାମ ଗୁଡ + ୨ ଗ୍ରାମ CartapHydrocloride ବା Thaiodicarb ବା Deltamethrin ମିଶାଇ ବିଷ ଥୋପ ଆକାରରେ ଠାଏ ଠାଏ ରଖନ୍ତୁ। ଏବଂ ଏହି ଦ୍ରବଣକୁ ପତ୍ରରେ ସିଂଚନ କରନ୍ତୁ । |
| କୋବି ଜାତୀୟ ଫସଲ | ମଞ୍ଜି ପକାଇବା ପୂର୍ବ ଅବସ୍ଥା | • ଏକ ଏକର ଜମିରେ କୋବି ଜାତୀୟ ପନିପରିବା ଚାରା ଲଗେଇବା ପାଇଁ ୧୦ରୁ ୧୨ ଟି ୩ ମିଟର ଲମ୍ବ, ୧ ମିଟର ଚଉଡା ଓ ୨୦ରୁ ୨୫ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ନର୍ସରୀ ବେଡ ବା ପଟାଳି ଯଥେଷ୍ଟ । ଏକ ଏକର କୋବିଜାତୀୟ ପନିପରିବା ଚାଷ ପାଇଁ ୨୦୦ ଗ୍ରାମ ଉନ୍ନତ କିସମ ବିହନ ଏବଂ ୫୦ ଗ୍ରାମ ଶଙ୍କର କିସମ ବିହନ ଆବଶ୍ୟକ ହୋଇଥାଏ । ବିହନ ବୁଣିବାର ୧୦ ଦିନ ଆଗରୁ ପ୍ରତି ପଟାଳି ରେ ୨୦-କିଲୋଗ୍ରାମ ଭଲ ଭାବରେ ଶୁଖି ଥିବା ଶଢା ଗୁଣ୍ଡ ଖତ ମାଟିରେ ମିଶାନ୍ତୁ । |
| ଗୋ ସମ୍ପଦ | • ବର୍ଷା ଋତୁରେ ଗାଈଗୋରୁ ମାନଙ୍କର ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରନ୍ତୁ ଓ ରୋଗର ଲକ୍ଷଣ ଶୀଘ୍ର ଚିହ୍ନଟ କରନ୍ତୁ ।<br>• ଗାଈ ଗୁହାଳରେ ଏକ ବିଶୁଦ୍ଧ ଏବଂ ପର୍ଯ୍ୟାପ୍ତ ଜଳ ଯୋଗାଣ ନିଶ୍ଚିତ କରନ୍ତୁ। ବହୁ ଦିନ ଧରି ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଯାହା ପରଜୀବିଙ୍କ ପାଇଁ ଏକ ପ୍ରଜନନ ସ୍ଥାନ ହୋଇପାରେ ।<br>• ଜଳ ଉତ୍ସକୁ ନିୟମିତ ଯାଞ୍ଚ କରନ୍ତୁ ଏବଂ ଗୁହାଳରେ ସଠିକ୍ ସ୍ୱଚ୍ଛତା ବଜାୟ ରଖନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)